# OFSDP
## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
## ପ୍ରକଳ୍ପ ସୂଚନାପତ୍ର

JAPAN Official Development Assistance

JICA

ଭାଗ – ୪/ସଂସ୍କରଣ – ୪ | ଅକ୍ଟୋବର–ଡିସେମ୍ବର ୨୦୧୦


## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ



ମୁଁ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସୂଚନା ପତ୍ର ମାଧ୍ୟମରେ ପ୍ରଥମ ଥର ପାଇଁ ଆପଣମାନଙ୍କୁ ଯୋଗାଯୋଗ କରୁଛି । ସର୍ବ ପ୍ରଥମେ ମୁଁ ପୂର୍ବ ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ବଂସଲ, ଭା.ବ.ସେ.,ଙ୍କ ପ୍ରକଳ୍ପ ପ୍ରାରମ୍ଭରୁ ପ୍ରାୟ ପାଞ୍ଚ ବର୍ଷ ଧରି ପ୍ରଶଂସନୀୟ ଅବଦାନକୁ ଲିପିବଦ୍ଧ କରିବାକୁ ଚାହୁଁଛି । ଦୁଇ ମୁଖ୍ୟ ଲକ୍ଷ୍ୟ ଯଥା ପତିତ ଜଙ୍ଗଲର ପୁନରୁଦ୍ଧାର ଓ ପ୍ରତିପାଳନକ୍ଷମ ପରିଚାଳନାଭିତ୍ତିରେ ଜଙ୍ଗଲ ଉପରେ ନିର୍ଭରଶୀଳ ଗୋଷ୍ଠୀର ଜୀବିକା ନିର୍ବାହ ପ୍ରୋତ୍ସାହନକୁ ନେଇ ପ୍ରକଳ୍ପ ଦୀର୍ଘ ପଥ ଅତିକ୍ରମ କରିଛି । ପ୍ରକଳ୍ପର ସମସ୍ତ ଅଂଶୀଦାରମାନଙ୍କ ପକ୍ଷରୁ ମୁଁ ତାଙ୍କୁ ବର୍ତ୍ତମାନର ଦାୟିତ୍ୱ, ଭାରତ ସରକାରଙ୍କ ଅଧୀନରେ ଅତିରିକ୍ତ ମହାନିର୍ଦ୍ଦେଶକ, ଜଙ୍ଗଲ ପଦବୀ ପାଇଁ ସଫଳତା କାମନା କରୁଛି । ପ୍ରକଳ୍ପର ସମସ୍ତ କର୍ମଚାରୀ, ସୂଚନାପତ୍ର ପାଠକ ଏବଂ ବନ ସଂରକ୍ଷଣ ସମିତିଙ୍କ ଉଦ୍ୟମ ଓ ସହଯୋଗରେ ପ୍ରକଳ୍ପର ଆହୁରି ବ୍ୟାପକ ବିକାଶ ଓ ପ୍ରସାରଣ ହୋଇପାରିବ ବୋଲି ମୁଁ ଆଶା କରୁଛି ।

ଅକ୍ଟୋବର–ଡିସେମ୍ବର ୨୦୧୦ ମାସ ମଧ୍ୟରେ ପ୍ରକଳ୍ପରେ ବ୍ୟାପକ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, ଜୀବିକା ନିର୍ବାହ ପ୍ରୋତ୍ସାହନ, ପରିବେଶ ପର୍ଯ୍ୟଟନ କ୍ଷେତ୍ର ବିକାଶ, ଉପକୂଳ ବୃକ୍ଷରୋପଣ ଓ ଦକ୍ଷତା ବୃଦ୍ଧି, ଜାଇକା ମିଶନର ପରିଦର୍ଶନ ଏବଂ ୨୦୧୧ ବର୍ଷର ମଧ୍ୟ ଭାଗରେ ହେବାକୁ ଥିବା ମଧ୍ୟବର୍ତ୍ତୀ ମୂଲ୍ୟାୟନ ପାଇଁ କାର୍ଯ୍ୟ ପ୍ରଭୃତି ଆରମ୍ଭ ହୋଇଥିଲା । ଏଥିସହ ଗୁଜରାଟ ଜାଇକା ପ୍ରକଳ୍ପର ୧୮ ଜଣ ବନ ଅଧିକାରୀ ରାୟଗଡ଼ା ଓ କୋରାପୁଟ ବନଖଣ୍ଡକୁ ତଥା ଉତ୍ତରପ୍ରଦେଶ ଜାଇକା ପ୍ରକଳ୍ପର ୨୫ ଜଣ ଅଧିକାରୀ ଅନଗୁଳ ବନଖଣ୍ଡ ଓ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡକୁ ଶିକ୍ଷା ପରିଭ୍ରମଣରେ ଆସିଥିଲେ ।

କୌଶଳର ବିକାଶ ପାଇଁ ଦକ୍ଷତା ବୃଦ୍ଧି ଏକ ମୁଖ୍ୟ ଉପାଦାନ । ହେନ୍ତାଳ ବନ ଅଞ୍ଚଳରେ କିଛି ଚାଷୀଙ୍କ ପାଇଁ ପ୍ରଦର୍ଶନଭିତ୍ତିକ 'କଙ୍କଡ଼ା ଚାଷ'ର ଉତ୍ସାହପ୍ରଦ ଫଳାଫଳ, ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡରେ କଙ୍କଡ଼ା ଚାଷ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ କରିବାକୁ ପ୍ରକଳ୍ପକୁ ପ୍ରୋତ୍ସାହିତ କଲା । ୨୦୧୧ରେ ଓଏଫଏସଡିପି ସହାୟତାରେ କଙ୍କଡ଼ା ଚାଷ ପାଇଁ ବହୁ ସଂଖ୍ୟାରେ ଚାଷୀ ଆଗେଇ ଆସିଛନ୍ତି । ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଉପରେ ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ଓ ପ୍ରକଳ୍ପ କର୍ମଚାରୀଙ୍କ ପାଇଁ ତାଲିମ ତଥା ଗୋଷ୍ଠୀ ଗଠନ ପ୍ରକ୍ରିୟା ତଥା ଗୋଷ୍ଠୀ ଗଠନ ନିମନ୍ତେ ପ୍ରଚଳିତ ସ୍ଥିତିରୁ ଶିକ୍ଷା ଆହରଣ ପାଇଁ କର୍ମଶାଳା, ବ୍ୟବସାୟ ଯୋଜନା ଓ ଅର୍ଥ ଯୋଗାଡ଼ ଆଦି ପ୍ରସଙ୍ଗ ଉପରେ ତାଲିମ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି । ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ କ୍ଷେତ୍ରରେ ଏକ ଅଭିନବ ପଦକ୍ଷେପସ୍ୱରୂପ ପ୍ରତି ବନଖଣ୍ଡରେ ଗୋଟିଏ ସ୍ୱତନ୍ତ୍ର ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ସହଯୋଗ ସଂସ୍ଥା (ଆଇଜିଏଏସଏ) ନିଯୁକ୍ତି କରାଯାଇଛି । ଏହି ସଂସ୍ଥା ସହାୟତା ପ୍ରଦାନ, ଦକ୍ଷତା ବୃଦ୍ଧି, ଗୋଷ୍ଠୀ ଗଠନ, ମୂଲ୍ୟ ସଂଯୋଗ ସମେତ ଅଞ୍ଚଳଭିତ୍ତିକ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପକୁ ବଜାର ସହ ସଂଯୋଗ କରାଇବ । ଏମଆଇଏସ ତାଲିମ କାର୍ଯ୍ୟକ୍ରମ ଅନଗୁଳ, ରାଉରକେଲା, ବଣାଇ ଓ ଅନ୍ୟ କେତେକ ଖଣ୍ଡୀୟ ପରିଚାଳନା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ପରିବେଶ ପର୍ଯ୍ୟଟନ ଓ ଜୈବ ବିବିଧତା ପରିଚାଳନା କ୍ଷେତ୍ରରେ ଅଭିନବ କୌଶଳ ହାସଲ ନିମନ୍ତେ ଛଅ ଜଣ ବରିଷ୍ଠ ଅଧିକାରୀଙ୍କ ପାଇଁ 'ବିଦେଶରେ ଶିକ୍ଷା ପରିଭ୍ରମଣ' ବ୍ରାଜିଲରେ ଆୟୋଜିତ କରାଇ ପ୍ରକଳ୍ପ ଜୈବ ବିବିଧତା, ପରିବେଶ ପର୍ଯ୍ୟଟନ ଏବଂ ବନ୍ୟପ୍ରାଣୀ କ୍ଷେତ୍ରରେ ଅଧିକ ତଥ୍ୟ ଆଣିପାରିଛି । ଏଥିସହ 'ବନ୍ୟପ୍ରାଣୀ ଅପରାଧର ଫଳପ୍ରଦ ପ୍ରତିରୋଧ ଓ ଦଣ୍ଡବିଧାନ' ଉପରେ ଏକ କର୍ମଶାଳା ଏବଂ ଏହା ଉପରେ ପୁସ୍ତକ 'ୱାଇଲ୍ଡ ୱାଚ' ପ୍ରକାଶ କରାଯାଇଛି । କୁଲଡିହା–ହଦଗଡ–ଶିମିଳିପାଳ ମଧ୍ୟରେ ହାତୀଙ୍କ ପଥକୁ ସଂରକ୍ଷିତ କରିବାର ଯୋଜନା ପ୍ରସ୍ତାବର ପ୍ରସ୍ତୁତି ଓ ରାଜ୍ୟର ପରିବେଶ ପର୍ଯ୍ୟଟନ ନୀତି ପ୍ରଣୟନ ପ୍ରକଳ୍ପର ସହାୟତାରେ କରାଯାଇଛି । ବନାଞ୍ଚଳ କ୍ଷେତ୍ରରେ ଫଳଭିତ୍ତିକ ପରିଚାଳନା ନିମନ୍ତେ ବନ ଅଧିକାରୀମାନଙ୍କୁ ହାଇଦରାବାଦସ୍ଥିତ ଆଡମିନିଷ୍ଟ୍ରେଟିଭ୍ ଷ୍ଟାଫ କଲେଜ ଅଫ ଇଣ୍ଡିଆରେ ତାଲିମ ପ୍ରଦାନ କରାଯାଇଛି ।

ଏହାସହ, ଚଳିତ ତ୍ରୈମାସରେ ଜୈବ ବିବିଧତା ପରିଚାଳନାରେ ଅଭିନବ ପଦକ୍ଷେପ ଆରମ୍ଭ କରାଯାଇଛି, ତାହାହେଲା ପ୍ରତି ଖଣ୍ଡୀୟ ପରିଚାଳନା କେନ୍ଦ୍ରରେ 'ସାକ୍ରେଡ ଗ୍ରୁଭ୍', ନକ୍ଷତ୍ର ବନ, ଅନଗୁଳ ଜିଲ୍ଲାର ମନ୍ଦାରଗିରିରେ ଓ ବାଲେଶ୍ୱର ଜିଲ୍ଲା ବିଚିତ୍ରପୁର ହେନ୍ତାଳ ବଣ ପରିବେଶ ପର୍ଯ୍ୟଟନ ସ୍ଥଳକୁ ଜୈବ ବିବିଧତା ଐତିହ୍ୟସ୍ଥଳ ବିଜ୍ଞପ୍ତି ପ୍ରକାଶ ପାଇଁ ପ୍ରସ୍ତାବ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି । ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ପାଇଁ ଏବେ କାର୍ଯ୍ୟକାରୀ ହେଉଥିବା କ୍ଲଷ୍ଟର ବିକାଶ ଓ ଜୈବ ବିବିଧତାଭିତ୍ତିକ ପରିବେଶ ପର୍ଯ୍ୟଟନସ୍ଥଳୀର ବିକାଶ ବନ ସଂରକ୍ଷଣ ସମିତି ଓ ସେମାନଙ୍କର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଆର୍ଥିକ ବିକାଶରେ ବିଶେଷଭାବେ ସହାୟକ ହେବ । ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମଗୁଡ଼ିକ ମଧ୍ୟରେ ଦକ୍ଷତା ବୃଦ୍ଧି ନିମନ୍ତେ ଏହାଦ୍ୱାରା ଏକ ନୂତନସ୍ତରର ସହଯୋଗ ଓ ସମନ୍ୱୟ ସୃଷ୍ଟି ହୋଇପାରିବ ।

ଅଦ୍ୟାବଧି ପ୍ରକଳ୍ପ ୨୦୫୦ଟି ଭିଏସଏସ ଓ ଇଡ଼ିସି ସହ ସଂଶ୍ଳିଷ୍ଟ ହୋଇଥିବାବେଳେ ୧,୭୦,୦୦୦ ହେକ୍ଟର ଜଙ୍ଗଲର ପୁନରୁଦ୍ଧାର ଏବଂ ଉପକୂଳ ବୃକ୍ଷରୋପଣ ୨୦୯୮ ହେକ୍ଟର ଝାଉଁ ଓ ହେନ୍ତାଳ, ଏଥିସହ ୨୦୦୦ ସ୍ୱୟଂ ସହାୟକ ଗୋଷ୍ଠୀକୁ ଆବର୍ତ୍ତନ ପାଣ୍ଠିରୁ ୨୭୯୮ ଋଣ ଜରିଆରେ ସଂଯୋଗ କରାଯାଇଛି ଓ ସେମାନଙ୍କର ଦକ୍ଷତା ବୃଦ୍ଧି କରାଯାଉଛି । ମୁଁ ନିଶ୍ଚିତ ଯେ ଅଂଶଗ୍ରହଣକାରୀ ଭିଏସଏସ/ଏସଏଚଜି ଗୁଡ଼ିକ ଓ ଆଖପାଖର ଗୋଷ୍ଠୀଗୁଡ଼ିକ ସେମାନଙ୍କ ପୁଞ୍ଜିଲଗାଣ ଓ ଗୋଷ୍ଠୀର ବିକାଶ ପାଇଁ ପ୍ରକଳ୍ପର ପୁଞ୍ଜିଲଗାଣର ଫଳାଫଳ ଅନୁଭବ କରିବା ଆରମ୍ଭ କରିବେଣି କିମ୍ବା ଖୁବଶୀଘ୍ର ଆରମ୍ଭ କରିବେ ।

ବନ ସଂରକ୍ଷଣ ସମିତି ସଭାଗୃହକୁ ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯିବା ପ୍ରଶଂସନୀୟ । ପ୍ରକଳ୍ପ କାର୍ଯ୍ୟକଳାପରୁ ଲାଭ ଉଠାଇବାରେ ଓ ଏହି ପ୍ରକଳ୍ପର ଏକାଭିମୁଖୀକଣର କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ୟ ସରକାରୀ ବିକାଶମୂଳକ କାର୍ଯ୍ୟକ୍ରମରୁ ମଧ୍ୟ ଲାଭ ଉଠାଇବାରେ ଭିଏସଏସ ସଭ୍ୟମାନଙ୍କର ପ୍ରମୁଖ ଭୂମିକା ରହିଛି । ଏହି ଅଭିଜ୍ଞତା ଓ ଶିକ୍ଷା ଭିଏସଏସ ସଭ୍ୟମାନେ ବଜାୟ ରଖିବା ଆବଶ୍ୟକ । ବନ ବିଭାଗର କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଅଧିକାରୀ, ଅନ୍ୟ ଲାଇନ ବିଭାଗ ଯଥା ଜଳ, ପରିମଳ, ସ୍ୱାସ୍ଥ୍ୟ, ଉଦ୍ୟାନକୃଷି, ମତ୍ସ୍ୟଚାଷ, ପଶମ ଚାଷ ଓ ହସ୍ତତନ୍ତ, କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ଗ୍ରାମ୍ୟ ଭିତ୍ତିଭୂମି, ଶିକ୍ଷା ଓ ଅନ୍ୟ ଜୀବିକା ନିର୍ବାହ ସମ୍ପଦ ଆଦି ବିଭାଗ ସହ ସେମାନଙ୍କ ଯୋଗାଯୋଗ ଓ ସମନ୍ୱୟ ରକ୍ଷା କରିବା ଉଚିତ । ଏକାଭିମୁଖୀକରଣକୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକାରୀ କରିବାରେ ଗ୍ରାମବାସୀ ଓ ବନ ବିଭାଗର ଆଗଧାଡ଼ିର କର୍ମଚାରୀଙ୍କ ଠାରୁ ପ୍ରକଳ୍ପ ସର୍ବଦା ଆଗ୍ରହ ଆଶା କରେ ।

ପ୍ରତିପାଳନକ୍ଷମ ବିକାଶ, ଜୀବିକା ନିର୍ବାହ ସୁଯୋଗ ସୃଷ୍ଟିକାରୀ ଓ ପତିତ ଜଙ୍ଗଲର ପୁନରୁଦ୍ଧାରର ସମସ୍ତ ପ୍ରୋତ୍ସାହନକାରୀଙ୍କୁ ଶୁଭେଚ୍ଛା ।

**ବିନୋଦ କୁମାର**

ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ

# ଉତ୍ତର ପ୍ରଦେଶ ଓ ଗୁଜରାଟ ବନ ଅଧିକାରୀଙ୍କ ଓଏଫଏସଡିପି ପରିଦର୍ଶନ



ଡଃ ଏ.ପି. ସିଂହ, ଭା.ବ.ସେ.ଙ୍କ ନେତୃତ୍ୱରେ ଗୁଜରାଟ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ୧୯ ଜଣିଆ ବନ ଅଧିକାରୀ ଦଳ ୨୪ରୁ ୨୮ ନଭେମ୍ବର ୨୦୧୦ ଯାଏଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପରିଦର୍ଶନରେ ଆସିଥିଲେ । ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ ପ୍ରକଳ୍ପର ଅଭିନବ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ବଂସଲ, ଭା.ବ.ସେ. ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦେବୀଦତ୍ତ ବିଶ୍ୱାଳ, ଭା.ବ.ସେ. ଓ ଶ୍ରୀ ରାଜୀବ କୁମାର, ଭା.ବ.ସେ.ଙ୍କ ଦ୍ୱାରା ବୁଝାଇ ଦିଆଯାଇ ଥିଲା । ପ୍ରକଳ୍ପ ସମ୍ପର୍କରେ ଏକ ସାମଗ୍ରିକ ଜ୍ଞାନ ପାଇବା ପରେ ଏହି ଦଳ ରାୟଗଡ଼ା ଓ କୋରାପୁଟ ବନଖଣ୍ଡକୁ ଯାଇଥିଲେ । ସେଠାରେ ସେମାନେ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମ ପାଞ୍ଚୋଟି ବନ ସଂରକ୍ଷଣ ସମିତି ଅଞ୍ଚଳରେ ବୁଲି ଦେଖିଥିଲେ । କ୍ଷେତ୍ର ପରିଦର୍ଶନରୁ ଫେରିବା ପରେ ସେମାନେ ପ୍ରକଳ୍ପ ପରିଚାଳନା ୟୁନିଟରେ କଣ ଶିଖିଲେ ତାହା ବଖାଣିଥିଲେ । ଦଳପତି ଡଃ ସିଂହ ଗୋଷ୍ଠୀ ଅଂଶଗ୍ରହଣ, ସେମାନଙ୍କର ସଚେତନତା, ସ୍ୱଚ୍ଛତା ପଦ୍ଧତି ଓ ପ୍ରକଳ୍ପରେ ଏକାଭିମୁଖୀକରଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସେ କହିଲେ 'ପରିଦର୍ଶକ ଦଳ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ଉପରେ ଶିକ୍ଷାଲାଭ କଲେ ଓ ତାହାକୁ ସେମାନଙ୍କ ପ୍ରକଳ୍ପରେ କାର୍ଯ୍ୟକାରୀ କରାଇବାକୁ ଚେଷ୍ଟା କରିବେ ।'

ସେହିପରିଭାବେ ସହଭାଗୀ ଜଙ୍ଗଲ ପରିଚାଳନା ଓ ଦାରିଦ୍ର୍ୟ ଦୂରୀକରଣ ପ୍ରକଳ୍ପରେ କାମ କରୁଥିବା ୨୪ ଜଣିଆ ଉତ୍ତରପ୍ରଦେଶ ବନ ବିଭାଗ ଅଧିକାରୀ ଯଥା, ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ପ୍ରକଳ୍ପ ନିର୍ଦ୍ଦେଶକ (ବନ୍ୟପ୍ରାଣୀ), ପ୍ରକଳ୍ପ ନିର୍ଦ୍ଦେଶକ (ତଦାରଖ ଓ ମୂଲ୍ୟାୟନ), ଚାରି ଜଣ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, ଜଣେ ଏମଆଇଏସ ଅଧିକାରୀ, ଜଣେ ବିତ୍ତ ଅଧିକାରୀ ଓ ୧୫ ଜଣ ସହକାରୀ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ ଏହି ଦଳରେ ସାମିଲ ଥିଲେ । ସେମାନେ ବିଭିନ୍ନ ବୃକ୍ଷରୋପଣ ସ୍ଥାନ, ପ୍ରବେଶିକା କାର୍ଯ୍ୟକ୍ରମ ଏବଂ ଅନ୍ୟ ଆୟ ସୃଷ୍ଟିକାରୀ ଓ ଜୀବିକା ନିର୍ବାହ କାର୍ଯ୍ୟକଳାପ ତଥା ପରିବେଶ ପର୍ଯ୍ୟଟନ ସ୍ଥଳୀ ଅନଗୁଳ ଓ ସାତକୋଶିଆ (ବନ୍ୟପ୍ରାଣୀ) ବନଖଣ୍ଡରେ ୧୦.୧୨.୨୦୧୦ ରୁ ୧୨.୧୨.୨୦୧୦ ଯାଏଁ ବୁଲି ଦେଖିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ।

ଅନଗୁଳରେ ପହଞ୍ଚିବା ପରେ ସେମାନଙ୍କୁ ଅନଗୁଳ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଓ ସମ୍ପୃକ୍ତ ବନ ସଂରକ୍ଷଣ ସମିତିଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିବାକୁ ପାୱାର ପଏଣ୍ଟ ଉପସ୍ଥାପନ କରାଯାଇଥିଲା । ସହକାରୀ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, ସମ୍ପୃକ୍ତ କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟମାନେ ଓ ବନ ସମ୍ପ୍ରସାରଣ ଅଧିକାରୀମାନେ ଆଲୋଚନାରେ ଓ କ୍ଷେତ୍ର ପରିଦର୍ଶନରେ ସହଯୋଗ କରିଥିଲେ ।





# ବ୍ରାଜିଲରେ ଶିକ୍ଷା ପରିଭ୍ରମଣ

ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କର ଏକ ଦଳ ଦରିଆପାରି ଶିକ୍ଷା ପରିଭ୍ରମଣ ପାଇଁ ବ୍ରାଜିଲ ଯାଇଥିଲା । ଏହି ଶିକ୍ଷା ପରିଭ୍ରମଣର ମୁଖ୍ୟ ଲକ୍ଷ୍ୟ ଥିଲା ଅଭିନବ ପରିବେଶ ପର୍ଯ୍ୟଟନ କାର୍ଯ୍ୟକଳାପର ପରୀକ୍ଷା ନିରୀକ୍ଷା କରିବା ଓ ପରିବେଶକୁ ସୁହାଇବା ପରି ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଗଠନ ଉପରେ ଶିକ୍ଷା ଗ୍ରହଣ କରିବା ଏଥିସହ ଜଙ୍ଗଲ ସୁରକ୍ଷା ତଥା ବନ୍ୟପ୍ରାଣୀ ପରିଚାଳନାର ବିଭିନ୍ନ କୌଶଳ ଶିକ୍ଷା କରିବା । ଅକ୍ଟୋବର ୨୧ ରୁ ୧ ନଭେମ୍ବର ୨୦୧୦ ଯାଏଁ ଆୟୋଜିତ ଏହି ଶିକ୍ଷା ପରିଭ୍ରମଣରେ ଅଂଶଗ୍ରହଣ କରିଥିବା ଛଅ ଜଣ ବରିଷ୍ଠ ସରକାରୀ ଅଧିକାରୀ ହେଲେ ଡଃ ଅରବିନ୍ଦ ବେହେରା, ଭା.ପ୍ର.ସେ., ପ୍ରମୁଖ ଶାସନ ସଚିବ ଜଙ୍ଗଲ ଓ ପରିବେଶ ବିଭାଗ, ଶ୍ରୀ ଏ.କେ. ବଂସଲ, ଭା.ବ.ସେ., ପ୍ରକଳ୍ପ ନିର୍ଦ୍ଦେଶକ ଓଏଫଏସଡିପି, ଶ୍ରୀ ରଘୁ ପ୍ରସାଦ, ଭା.ବ.ସେ., ବନଖଣ୍ଡ ଅଧିକାରୀ ସାତକୋଶିଆ (ବନ୍ୟପ୍ରାଣୀ), ଶ୍ରୀ ଏମ. ଯୋଗଜୟାନନ୍ଦ, ଭା.ବ.ସେ., ବନଖଣ୍ଡ ଅଧିକାରୀ ଫୁଲବାଣୀ ବନଖଣ୍ଡ, ଶ୍ରୀ କେଦାର କୁମାର ସ୍ୱାଇଁ, ଓ.ଏଫ.ଏସ., ବନଖଣ୍ଡ ଅଧିକାରୀ ବାଲେଶ୍ୱର (ବନ୍ୟପ୍ରାଣୀ) ଏବଂ ଶ୍ରୀ ଜିତ୍‌ଶତ୍ରୁ ମହାନ୍ତି, ଭା.ବ.ସେ., ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି ବନଖଣ୍ଡ ।

ଏହି ଦଳ ବ୍ରାଜିଲର ବିଭିନ୍ନ ଜାତୀୟ ଉଦ୍ୟାନ ଏବଂ ପରିବେଶ ପର୍ଯ୍ୟଟନ ସ୍ଥଳ ଓ ଜୋହନ୍ସବର୍ଗର ସିଂହ ଉଦ୍ୟାନ ପରିଭ୍ରମଣ କରିଥିଲେ । ଏହି ଦଳ ମଧ୍ୟ ବ୍ରାସିଲିଆସ୍ଥିତ ଭାରତୀୟ ଦୂତାବାସ ଓ ଜାଇକା ବ୍ରାଜିଲ କାର୍ଯ୍ୟାଳୟ ପରିଦର୍ଶନରେ ଯାଇଥିଲେ । ୧୯ ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ବନଖଣ୍ଡ ଅଧିକାରୀ ସମ୍ମିଳନୀରେ ଏହି ଶିକ୍ଷା ପରିଭ୍ରମଣରୁ ପ୍ରାପ୍ତ ଶିକ୍ଷାର ଗୁରୁତ୍ୱକୁ ନେଇ ଏକ ଉପସ୍ଥାପନ କରାଯାଇଥିଲା । ସେଥିରୁ କେତେକ ପଦ୍ଧତି ରାଜ୍ୟରେ ଗ୍ରହଣ କରାଯିବା ଉପରେ ଆଲୋଚନା ମଧ୍ୟ ହୋଇଥିଲା ।





# କ୍ଲଷ୍ଟର ବ୍ୟବସ୍ଥା
# ଏସଏଚଜିକୁ ଆହୁରୀ ଆତ୍ମବିଶ୍ୱାସୀ କରିଛି





କୋରାପୁଟ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ଅମିନଗୁଡ଼ା ବନ ସଂରକ୍ଷଣ ସମିତିର ଚଣ୍ଡୀ ଠାକୁରାଣୀ ଓ ହୁଣ୍ଡି ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପର ଭଲ ଉଦାହରଣ ସୃଷ୍ଟି କରିଛନ୍ତି । ଉଭୟ ସ୍ୱୟଂ ସହାୟକ ଗୋଷ୍ଠୀ ସର୍ବୋଦୟ ସମିତି ଦ୍ୱାରା ୨୦୦୦ ଓ ୨୦୦୭ ମସିହାରେ ଗଠନ କରାଯାଇଥିଲା । କେବଳ ସଭ୍ୟ ପିଛା ସଞ୍ଚୟ ବିନା ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟ କୌଣସି କାର୍ଯ୍ୟକ୍ରମ ନ ଥିଲା । ପ୍ରକଳ୍ପର କାର୍ଯ୍ୟକ୍ରମ ଆରମ୍ଭ ପରେ ବନ ସଂରକ୍ଷଣ ସମିତି କାର୍ଯ୍ୟାଳୟ ଗଠନ କରାଯାଇଥିଲା ଓ ତାହା କିଛି ଦିନ ପାଇଁ ଗୋଦାମ ଘରଭାବେ ବ୍ୟବହୃତ ହୋଇଥିଲା । ପ୍ରବେଶିକା କାର୍ଯ୍ୟକ୍ରମ ମାଧ୍ୟମରେ ବଡ଼ ଓ ଛୋଟ ଓଜନ ଯନ୍ତ୍ର ଯୋଗାଇ ଦିଆଯାଇଥିଲା । ସହଯୋଗୀ ବେସରକାରୀ ସଂସ୍ଥା ବାରମ୍ବାର ଗ୍ରାମକୁ ପରିଦର୍ଶନରେ ଯାଇ ଏହି ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁନର୍ଜୀବିତ କରିଥିଲା । ସଭ୍ୟ ପିଛା ସଞ୍ଚୟକୁ ନିୟମିତ କରାଗଲା । ଉତ୍ସାହିତ ଏସଏଚଜି ସଭ୍ୟ ଭିଏସଏସର ସମସ୍ତ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କଲେ ଓ ଛୋଟ ଧରଣର ବ୍ୟବସାୟ ଆରମ୍ଭ କରିବାକୁ ସ୍ଥିର କଲେ । ବନ ସଂରକ୍ଷଣ ସମିତିକୁ ଏକ ଋଣ ପାଇଁ ଆବେଦନ କଲେ ଓ ଟଙ୍କା ମିଳିବା ପରେ ତେନ୍ତୁଳି ବ୍ୟବସାୟ ଆରମ୍ଭ କରି ତିନି ମାସ ମଧ୍ୟରେ ୫୦୦୦ ଟଙ୍କା ଲାଭ କଲେ । ସୁଧ ସମେତ ଋଣ ପରିଶୋଧ କଲେ । ପରେ ସେମାନେ ତେନ୍ତୁଳି ପାଇଁ ଗଠିତ ଗୋଷ୍ଠୀରେ ଅନ୍ୟ ୧୯ଟି ସ୍ୱୟଂ ସହାୟକ ଗୋଷ୍ଠୀ ସହ ସାମିଲ ହେଲେ । ଦ୍ୱିତୀୟ ଥର ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ୨୫୦୦୦ ଟଙ୍କା ଋଣ ନେଲା । ଅନ୍ୟ ଋତୁଭିତ୍ତିକ ବ୍ୟବସାୟ ପରି ଦୁଇ ଏସଏଚଜି ତେନ୍ତୁଳି ବ୍ୟବସାୟରେ ୮୬୦୦ ଟଙ୍କା ନିବେଶ କରି ମାତ୍ର ମାସକ ମଧ୍ୟରେ ୨୮୭୨ ଟଙ୍କା ଲାଭ ପାଇଲେ । ଛଅ ମାସ ମଧ୍ୟରେ ଦୁଇ ଏସଏଚଜି ୫୦୦୦୦ ଟଙ୍କା ନିବେଶ କରି ୧୨୪୦୦ ଟଙ୍କା ଲାଭ ପାଇପାରିଛନ୍ତି । ପ୍ରଥମ ଥର ପାଇଁ ସେମାନେ ଗୋଷ୍ଠୀ ମାଧ୍ୟମରେ ବ୍ୟବସାୟ କରିବାର ଅଭିଜ୍ଞତା ପାଇଛନ୍ତି । ଏହାର ଫଳସ୍ୱରୂପ ଏସଏଚଜିଗୁଡ଼ିକ ନିଜ ଅର୍ଥକୁ ଆବର୍ତ୍ତନ ପାଣ୍ଠି ଭାବେ ବ୍ୟବହାର କରୁଛନ୍ତି । ନିକଟରେ ସେମାନେ ନିଜ ପାଣ୍ଠିରୁ ଏକ ଲକ୍ଷ ଟଙ୍କା ଅନ୍ୟ ଋତୁଭିତ୍ତିକ ବ୍ୟବସାୟରେ ଲଗାଇଛନ୍ତି ଓ ଗୋଷ୍ଠୀଭିତ୍ତିକ ତେନ୍ତୁଳି ବ୍ୟବସାୟକୁ ବଡ଼ ଆକାରରେ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି ।

ଇତିମଧ୍ୟରେ ସେମାନେ ଜିଲ୍ଲାର ସାଂସ୍କୃତିକ ସମାରୋହ 'ପରବ'ରେ ଅଂଶଗ୍ରହଣ କରିଥିଲେ । ଉଭୟ ଏସଏଚଜି ସେମାନଙ୍କ ସାମଗ୍ରୀର ପ୍ରଦର୍ଶନ କରିବା ସହ ୧୪ ପ୍ରକାର ସାମଗ୍ରୀ ବିକ୍ରି କରିଥିଲେ । ୨୨୧୯୫ ଟଙ୍କା ନିବେଶ କରି ପାଞ୍ଚ ଦିନ ମଧ୍ୟରେ ସେମାନେ ୮୧୨୧ ଟଙ୍କା ଲାଭ କରିପାରିଛନ୍ତି । ଏବେ ସେମାନେ ସ୍ଥାନୀୟ ମହାଜନ ପାଖକୁ ଆଉ ଟଙ୍କା ପାଇଁ ଯାଉନାହାନ୍ତି । ସେମାନେ ଏପର୍ଯ୍ୟନ୍ତ ଭିଏସଏସରୁ ତିନି ଥର ଋଣ ନେଇ ଦୁଇ ଥର ଫେରାଇଥିବାବେଳେ ତୃତୀୟ ଋଣରେ ବ୍ୟବସାୟ କରୁଛନ୍ତି । ଏବେ ସେମାନେ ନିଜ ବ୍ୟବସାୟର ଲାଭ କ୍ଷତି ହିସାବ କରିବା ଶିଖିଗଲେଣି ଓ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ଯାହା ଏକ ଭଲ ଲକ୍ଷଣ ।

**ଦୀପକ ମିଶ୍ର,** ଏଫଏଲଇ, କୋରାପୁଟ



# ଲକ୍ଷ୍ମଣପୁର ଭିଏସଏସର ରକ୍ତଦାନ ଶିବିର

ଅନଗୁଳ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ଲକ୍ଷ୍ମଣପୁର ବନ ସଂରକ୍ଷଣ ସମିତିକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ତୃତୀୟ ଦଫାରେ ସାମିଲ କରାଯାଇଥିଲା । ଜୀବିକା ନିର୍ବାହ ପାଇଁ ଏହି ଗ୍ରାମର ଲୋକେ ମୁଖ୍ୟତଃ କୃଷି ଓ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଅଣୁ ଯୋଜନା ପ୍ରସ୍ତୁତ ହେବା ପରେ ଶ୍ରୀ ଦୀନବନ୍ଧୁ ସାହୁଙ୍କ ଦାନରେ ପ୍ରାପ୍ତ ଜମିରେ ବନ ସଂରକ୍ଷଣ ସମିତି ସଭାଗୃହ ନିର୍ମାଣ କରାଗଲା । ବନ ସଂରକ୍ଷଣ ସମିତି ସଭାଗୃହ ନିର୍ମାଣ ଅଞ୍ଚଳ ୫୦୦ ବର୍ଗଫୁଟ ହୋଇଥିବାବେଳେ ମୋଟ ଖର୍ଚ୍ଚ ୩,୦୦,୦୦୦ ଟଙ୍କା । ଯେଉଁଥିରୁ ପ୍ରକଳ୍ପ ମାତ୍ର ୧,୨୦,୦୦୦ ଟଙ୍କା ପ୍ରଦାନ କରିଥିଲା । ଗ୍ରାମବାସୀଙ୍କ ଟଙ୍କା ଓ ଶ୍ରମଦାନ ଯୋଗୁଁ ଏହି ବିଶାଳ କୋଠା ଗ୍ରାମରେ ଠିଆ ହୋଇପାରିଛି । ଏହି ସଭାଗୃହକୁ ଅନଗୁଳ ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ ଶ୍ରୀ ଏସ.ଏସ. ମିଶ୍ର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ରେଡକ୍ରସ ସମାଜ ସହାୟତାରେ ଗ୍ରାମବାସୀ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲେ । ଶିବିରରୁ ୭୮ ବୋତଲ ରକ୍ତ ସଂଗ୍ରହ କରାଯାଇଥିଲା । ସ୍ୱତଃସ୍ଫୂର୍ତ୍ତଭାବେ ରକ୍ତ ଦାନ କରିବାକୁ ଗ୍ରାମବାସୀ ଶିବିରରେ ଭିଡ଼ ଜମାଇଥିଲେ । ଗ୍ରାମବାସୀମାନେ ଏବେ ଖୁବ୍ ଖୁସି ଅଛନ୍ତି ଓ ପ୍ରକଳ୍ପର ଅନ୍ୟ ସୁବିଧା ସୁଯୋଗ କିପରି ହାସଲ କରାଯାଇପାରିବ ତାହା ଅନୁଧ୍ୟାନ କରୁଛନ୍ତି ।

**ରାଜକିଶୋର ଅମାନ୍ତ,** ବରିଷ୍ଠ ବନ ସମ୍ପ୍ରସାରଣ ଅଧିକାରୀ, ଅନଗୁଳ ଖଣ୍ଡୀୟ ପରିଚାଳନା କେନ୍ଦ୍ର

# ହେନ୍ତାଳ ବଣ/ଲୁଣା ଜଙ୍ଗଲ

ହେନ୍ତାଳ ବଣ/ଲୁଣା ଜଙ୍ଗଲ ଉପକୂଳବାସୀଙ୍କୁ ଜୁଆର, ସୁନାମୀ, ବାତ୍ୟା ଓ ଅନ୍ୟ ବିପତ୍ତିରୁ ରକ୍ଷା କରେ । ଓଡ଼ିଶାର ଉପକୂଳ ଅଞ୍ଚଳରେ ପ୍ରାକୃତିକ ହେନ୍ତାଳ ବଣ ଦୀର୍ଘ ବର୍ଷରୁ ରହିଆସିଛି । ସମୟକ୍ରମେ ଜଙ୍ଗଲ ଓ ପରିବେଶ ବିଭାଗ ସେହି ଜଙ୍ଗଲର ରକ୍ଷା କରିଆସିଥିବାବେଳେ ଗଛ ଲଗାଇ ତାହାକୁ ଅଧିକ ଗଭୀର କରିଆସିଛି । ତେବେ ଭଦ୍ରକ ଓ ବାଲେଶ୍ୱର ଅଞ୍ଚଳରେ ଏହି ଜଙ୍ଗଲ ୧୯୯୯ର ମହାବାତ୍ୟା ଓ ୨୦୦୪ ମସିହାର ସୁନାମୀ ଯୋଗୁଁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜାଳେଣୀ କାଠ ସଂଗ୍ରହ, ଗୋଖାଦ୍ୟ, ଗୃହପାଳିତ ପଶୁଙ୍କ ଚାରଣ, ଚିଙ୍ଗୁଡ଼ି ଚାଷ ପାଇଁ ଜବରଦଖଲ ଓ ଅବ୍ୟବସ୍ଥିତ ଭାବେ ମତ୍ସ୍ୟସମ୍ପଦ ସଂଗ୍ରହ ଯୋଗୁଁ ମଧ ଜଙ୍ଗଲ ନଷ୍ଟ ହେବାରେ ଲାଗିଥିଲା । କିନ୍ତୁ ଧୀରେ ଧୀରେ ଉପକୂଳବାସୀ ଲୁଣା ଜଙ୍ଗଲର ଉପକାରିତା ବୁଝିପାରିଲେ ଓ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସହାୟତାରେ ଲୁଣା ଜଙ୍ଗଲର ସୁରକ୍ଷା କରିବା ସହ ପୁନରୁଦ୍ଧାର କରିବାରେ ଲାଗିପଡ଼ିଲେ ।

---



## ହେନ୍ତାଳ ବଣ ଯୋଗୁଁ ୮୦୦ ଏକର ଧାନ ବଞ୍ଚିଗଲା

ଲୁଣା ବନ୍ଧ ଓ ହେନ୍ତାଳ ବଣ ଜୁଆର ମାଡ଼ିବାକୁ ପ୍ରତିହତ କରେ ବୋଲି ସମସ୍ତେ ଜାଣନ୍ତି । ଓଡ଼ିଶା ସରକାର ଉପକୂଳ ଅଞ୍ଚଳରେ ଲୁଣା ବନ୍ଧ ତିଆରି କରିଥିଲେ, କିନ୍ତୁ ଏବେ ଯେଉଁ ସ୍ଥାନରେ ହେନ୍ତାଳ ବଣ ଅଛି ସେହିଠାରେ ହିଁ ଲୁଣା ବନ୍ଧର ସତ୍ତା ରହିଛି । ଭଦ୍ରକ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ମୋହନପୁର ଏପରି ଏକ ଅଞ୍ଚଳ ଯେଉଁଠାରେ ହେନ୍ତାଳ ବଣ ଓ ଲୁଣା ବନ୍ଧ ଉଭେଇଯାଇଛି ।

ମୋହନପୁର ଗ୍ରାମକୁ ୨୦୦୮-୦୯ ବର୍ଷରେ ଓଏଫଏସଡ଼ିପିରେ ସାମିଲ କରାଗଲା । ପରିବେଶ ବିକାଶ କମିଟି ଗଠନ କରାଗଲା । ଅଣୁ ଯୋଜନା ପ୍ରସ୍ତୁତି ସମୟରେ ଗ୍ରାମବାସୀ ହେନ୍ତାଳ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଥିଲେ, କାରଣ ସେମାନେ ହେନ୍ତାଳ ବଣ ନଥିବାର କ୍ଷତି ଅନୁଭବ କରିସାରିଥିଲେ । ୧୯୮୫-୮୬ ମସିହାରେ ମୋହନପୁର ଉପକୂଳରେ ଲୁଣା ବନ୍ଧ ତିଆରି ହୋଇଥିଲା ଓ ୧୯୯୦ରେ ମରାମତି କରାଯାଇଥିଲା । ଲଘୁଚାପ, ବନ୍ୟା ଓ ବାତ୍ୟା ଯୋଗୁଁ ବନ୍ଧ ଧୀରେ ଧୀରେ ନଷ୍ଟ ହେଉଥିବାବେଳେ ମହାବାତ୍ୟାରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ଥିଲା । ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗରେ ମୋହନପୁର ଇଡ଼ିସି ସମୁଦ୍ର କୂଳରେ ବନ୍ଧ ନ ଥିବା ସ୍ଥାନରେ ୨୨୦ ହେକ୍ଟର ଅଞ୍ଚଳରେ ହେନ୍ତାଳ ବୃକ୍ଷରୋପଣ କଲା ।

ସମୟ ଗଡ଼ିଚାଲିଲା । ଗତ ଅକ୍ଟୋବର ମାସରେ ଓଡ଼ିଶା ଉପକୂଳରେ ଲଘୁଚାପ ହୋଇଥିଲା ଓ ୮୦୦ ଏକର ଜମିରେ ହୋଇଥିବା ଧାନ ଫସଲକୁ ଲୁଣି ପାଣି ମାଡ଼ିବାରୁ ବଞ୍ଚାଇବାରେ ହେନ୍ତାଳ ବୃକ୍ଷରୋପଣ ମୁଖ୍ୟ ଭୂମିକା ତୁଲାଇଲା । ଇଡ଼ିସିର ସଭାପତି ଶ୍ରୀ ଦୟାନିଧି ମଲ୍ଲିକ ଗର୍ବର ସହ କହନ୍ତି, ଛଅ ଫୁଟ ଉଚ୍ଚ ଜୁଆରଗୁଡ଼ିକ ଏହି ତିନି ବର୍ଷର ହେନ୍ତାଳ ବୃକ୍ଷ ଯୋଗୁଁ ସାଧାରଣ ଜୁଆରରେ ପରିଣତ ହୋଇଗଲା । ଗତବର୍ଷ ସେମାନେ ନିଜ ନିଜ ଜମିରୁ ଧାନ ଅମଳ କରିଥିବାବେଳେ ମତ୍ସ୍ୟଜୀବୀମାନେ ପ୍ରତି ନାଳ (ଚାନେଲ)ରୁ ୪-୫ କେଜି କଙ୍କଡ଼ା ପାଉଛନ୍ତି । ନିୟମିତ ସବୁଜ ଘାସ (ବୃକ୍ଷରୋପଣ ଅଞ୍ଚଳରୁ ସଂଗ୍ରହ କରାଯାଉଛି) ପାଉଥିବାରୁ ମଇଁଷିଙ୍କ ଠାରୁ କ୍ଷୀର ଉତ୍ପାଦନ ଦିନକୁ ଦିନ ବଢ଼ିବାରେ ଲାଗିଛି । ହେନ୍ତାଳ ବଣ ଏପରି ଏକ ଜଙ୍ଗଲ ଯାହା ସମସ୍ତ ସକାରାତ୍ମକ ଆନ୍ଦୋଳନ ନୀଳ, ସବୁଜ, ଶ୍ୱେତ ଆନ୍ଦୋଳନକୁ ଏକାକାର କରିପାରୁଛି ଓ ଉପକୂଳବାସୀଙ୍କ ଜୀବନ ଜୀବିକାକୁ ଏକ ଜୈବ ଆବରଣ ଦେଉଛି ।

**ଗୋପାଳ ମହାପାତ୍ର**, ଏଫଏଲଇ, ଭଦ୍ରକ



## ହେନ୍ତାଳ ବଣ ବଢ଼ାଇବାକୁ ବିଚିତ୍ରପୁର ଗ୍ରାମବାସୀ ବ୍ୟଗ୍ର

୧୯୯୯ର ମହାବାତ୍ୟା ଓ ୨୦୦୪ର ସୁନାମୀ ଦ୍ୱାରା ହୋଇଥିବା କ୍ଷତି ଉପକୂଳବାସୀଙ୍କୁ ଉପକୂଳ ବୃକ୍ଷରୋପଣ ଉପରେ ଚେତାଇଦେଲା ଏବଂ ସେମାନଙ୍କ ଜୀବନ ଜୀବିକାର ସୁରକ୍ଷାରେ ହେନ୍ତାଳ ବଣର ମୂଲ୍ୟ ସେମାନେ ବୁଝିପାରିଲେ । ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବିଚିତ୍ରପୁର ପିଆରଏଫର ୫୬୪ ହେକ୍ଟର ଅଞ୍ଚଳରେ ପୂର୍ବରୁ ଉଭୟ ଝାଉଁ ଓ ହେନ୍ତାଳ ବଣ ଥିଲା । ଜାଳେଣୀ ଓ ଗୋଖାଦ୍ୟ ସଂଗ୍ରହ, ଆଖପାଖ ୪-୫ଟି ଗ୍ରାମର ଗୃହପାଳିତ ପଶୁ ଓ ମଇଁଷିଙ୍କ ଖୋଲା ଓ ଅନିୟମିତ ଚାରଣ, ଚିଙ୍ଗୁଡ଼ି ଚାଷ ପାଇଁ ଜବରଦଖଲ ଓ ଅନିୟନ୍ତ୍ରିତ ମତ୍ସ୍ୟ ସମ୍ପଦ ସଂଗ୍ରହ ଯୋଗୁଁ ହେନ୍ତାଳ ବଣ ନଷ୍ଟ ହେବାରେ ଲାଗିଥିଲା । ବେଆଇନ ଗଛ କଟା ଯୋଗୁଁ ପ୍ରାକୃତିକଭାବେ ମଧ ହେନ୍ତାଳ ବଣ ସୃଷ୍ଟି ହେଉ ନ ଥିଲା । ମଣିଷର ବ୍ୟାପକ ହସ୍ତକ୍ଷେପ ଓ ମଇଳାସ୍ତର ଜମିବା ଫଳରେ ସମ୍ପୃକ୍ତ ଅଞ୍ଚଳଟି ପତିତ ହୋଇଯାଇଥିଲା ।

୨୦୦୮-୦୯ ମସିହାରେ ପ୍ରକଳ୍ପ ଲୋକଙ୍କ ନିକଟକୁ ଗଲା ଓ ସେମାନଙ୍କୁ ସାମିଲ କରାଇଲା । ସେଥିପାଇଁ ସାମାଜିକ ସଚେତନତା, ସାମୂହିକ ବୈଠକ, ପରିବେଶ ବିକାଶ କମିଟି ଗଠନ, ସହଭାଗୀ ଗ୍ରାମ୍ୟ ସମସ୍ୟା ଆଲୋଚନା, ହେନ୍ତାଳ ବଣ ପୁନରୁଦ୍ଧାର ଓ ପରିଚାଳନା ପାଇଁ ଅଣୁ ଯୋଜନା ପ୍ରସ୍ତୁତି ଆଦି କାର୍ଯ୍ୟକ୍ରମ କରାଗଲା । ପ୍ରାଥମିକଭାବେ ବିଚିତ୍ରପୁର ପିଆରଏଫ ଅନ୍ତର୍ଗତ ଖାଡ଼ିବିଲ୍‌ରେ ୫୦ ହେକ୍ଟରର ଏକ ପତିତ ଉଚ୍ଚ ଜମି ପ୍ରଦର୍ଶନ ଭିତ୍ତିରେ ମନୋନୀତ କରାଗଲା । ସେଠାରେ ମାଛ କଣ୍ଟା ସଦୃଶ ନାଳ (ଚାନେଲ) ସୃଷ୍ଟି କରାଗଲା । ୧୨ ପ୍ରଜାତିର ୧,୫୦,୦୦୦ ହେନ୍ତାଳ ଚାରାର ବିକାଶ କରାଗଲା । ଲୋକେ ହେନ୍ତାଳ ବଣର ଗୁରୁତ୍ୱ ବୁଝି ସାରିଥିବାରୁ ସ୍ୱତଃପ୍ରବୃତ୍ତଭାବେ ଜଙ୍ଗଲ ସୁରକ୍ଷା ଓ ପରିଚାଳନାର ଦାୟିତ୍ୱ ନେଲେ । ଅନିୟନ୍ତ୍ରିତ ଚାରଣ ଓ ଘାସ ସଂଗ୍ରହ ନିୟନ୍ତ୍ରିତରେ ପରିଣତ ହେଲା, ନିର୍ଭରଶୀଳ ଗ୍ରାମବାସୀ ମାଛକଣ୍ଟା ନାଳରୁ ମାଛ ଓ କଙ୍କଡ଼ା ପାଇଲେ ଯାହାକି ସେମାନଙ୍କ ଜୀବିକା ନିର୍ବାହ ମାନକୁ ବଢ଼ାଇଲା । ବୃକ୍ଷରୋପଣ କାର୍ଯ୍ୟକ୍ରମ ବର୍ଷସାରା ଶ୍ରମ ଦିବସ ସୃଷ୍ଟି କଲା ଯାହା ଦ୍ୱାରା ଗ୍ରାମର ଗରିବ ଶ୍ରେଣୀର ଲୋକେ ଓ ମହିଳାମାନେ ଉପକୃତ ହେଲେ । ଇଡ଼ିସି ସଭ୍ୟମାନେ ଏବେ ହେନ୍ତାଳ ବଣଭିତ୍ତିକ ପରିବେଶ ପର୍ଯ୍ୟଟନ ସୃଷ୍ଟି କରିବାକୁ ଚିନ୍ତା କରୁଛନ୍ତି ଯାହାକି ସେମାନଙ୍କ ଜୀବିକା ନିର୍ବାହ ମାନ ବୃଦ୍ଧି କରିପାରିବ ।

ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ ତଥା ବନଖଣ୍ଡ ଅଧିକାରୀ, ବାଲେଶ୍ୱର ବନଖଣ୍ଡ (ବନ୍ୟପ୍ରାଣୀ)



# ଆତ୍ମବିଶ୍ୱାସରେ ଭରା ଏସଏଚଜି ବଡ଼ ବ୍ୟବସାୟ କରିବାକୁ ଆଗଭର

ରାଉରକେଲା ଖଣ୍ଡୀୟ ପରିଚାଳନା କେନ୍ଦ୍ରର ବୀରମିତ୍ରପୁର କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ କନ୍ଦରକେଲା ଗ୍ରାମପଞ୍ଚାୟତ ଅଧୀନରେ ରହିଛି ଗୋଟିଏ ଆଦିବାସୀବହୁଳ ଗ୍ରାମ ରମ୍ଭେଇଗଡ଼ା । ଗ୍ରାମରେ ୬୬ଟି ପରିବାର ରହୁଥିବାବେଳେ ଜୀବିକା ନିର୍ବାହ ପାଇଁ ସେମାନେ କୃଷି ଓ ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହ ଉପରେ ନିର୍ଭର କରନ୍ତି ।

ଏହି ଗ୍ରାମଟି ୨୦୦୭ରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ସାମିଲ ହୋଇଥିଲା । ୨୦୦୮ରେ 'ରୋହିଣୀ' ଓ 'ମୟୂରୀ' ନାମକ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଥିଲା । ସହଯୋଗୀ ବେସରକାରୀ ସଙ୍ଗଠନ ଓ ବନ ଅଧିକାରୀ ଗ୍ରାମକୁ ଯାଇ ୨୬ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟଙ୍କୁ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଆରମ୍ଭ କରିବାକୁ ପ୍ରବର୍ତ୍ତାଇଲେ । ମହୁଲ ଫୁଲ ବ୍ୟବସାୟ ଓ ଚିନାବାଦାମ ଚାଷ ପାଇଁ ବ୍ୟବସାୟ ଯୋଜନା ପ୍ରସ୍ତୁତ ହେଲା ଓ ତାହାକୁ ବନ ସଂରକ୍ଷଣ ସମିତି ଅନୁମୋଦନ ଦେଲା । ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠିରୁ ଉଭୟ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫୦୦୦ ଟଙ୍କା ଲେଖାଏଁ ଋଣ ପ୍ରଦାନ କରାଗଲା । ଉଭୟ ସ୍ୱୟଂ ସହାୟକ ଗୋଷ୍ଠୀ ମହୁଲ ଫୁଲ ବ୍ୟବସାୟରେ ୧୦୦୦୦ ଟଙ୍କା ଓ ଚିନାବାଦାମ ଚାଷରେ ୫୦୦୦ ଟଙ୍କା ଲେଖାଏଁ ନିବେଶ କଲେ । ସେମାନେ ୧୬୬୬ କେ.ଜି. ମହୁଲ ଫୁଲ କିଣିଲେ ୯୦୦ ଗ୍ରାମ ପ୍ରତି ୬ ଟଙ୍କା ଦରରେ । ଧୁଆ ଶୁଖା କରିବା ପରେ ସେହି ମହୁଲ ଫୁଲ ୧୫୫୭ କେ.ଜି.କୁ କମିଆସିଲା । ସେହି ମହୁଲ ଫୁଲକୁ ସେମାନେ ୯୦୦ ଗ୍ରାମ ପ୍ରତି ୧୦ ଟଙ୍କା ଦରରେ ବିକ୍ରି କରି ୫୨୦୦ ଟଙ୍କା ଲାଭ ପାଇଲେ । ସେମାନେ ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠିକୁ ଋଣ ଫେରସ୍ତ କଲେ । ସେହିପରିଭାବେ ଉଭୟ ସ୍ୱୟଂ ସହାୟକ ଗୋଷ୍ଠୀ ୫୦୦୦ ଟଙ୍କା ଲେଖାଏଁ ଚିନାବାଦାମ ଚାଷରେ ଲଗାଇଥିଲେ । କୃଷି ବିଭାଗର ବୈଷୟିକ ଜ୍ଞାନକୌଶଳ ଓ ଉଚ୍ଚମାନଯୁକ୍ତ ବିହନ, ସାର ଓ କୀଟନାଶକ ଦ୍ୱାରା ସେମାନେ ସେଥିରୁ ମଧ୍ୟ ଭଲ ଲାଭ କଲେ । ରୋହିଣୀ ଓ ମୟୂରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ଏବେ ଖୁବ୍ ଆତ୍ମବିଶ୍ୱାସୀ ହୋଇପଡ଼ିଛନ୍ତି ଓ ଉନ୍ନତ ଜୀବନ ଧାରଣ ମାନ ପାଇଁ ସେମାନେ ଅନ୍ୟ ଅର୍ଥକାରୀ ଫସଲ ଚାଷ ଏବଂ ବ୍ୟବସାୟ ପାଇଁ ଅଣ୍ଟା ଭିଡ଼ିଛନ୍ତି ।

**ପ୍ରସନ୍ନ କୁମାର ପଣ୍ଡା,** ବରିଷ୍ଠ ବନ ସମ୍ପ୍ରସାରଣ ଅଧିକାରୀ





# ମୁଳାଗୁଡ଼ାରୀ ଏସଏଚଜି ଅଣକାଷ୍ଠ ବନଜାତ ଦ୍ରବ୍ୟରୁ ଭଲ ଲାଭ କରିଛନ୍ତି

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କନ୍ଧମାଳକୁ ପ୍ରଦତ୍ତ ସ୍ୱତନ୍ତ୍ର ସହାୟତାରୁ ମୁଳାଗୁଡ଼ାରୀ ମେଗା ନର୍ସରୀ ଗଠନ କରାଯାଇଥିଲା । ମୁଳାଗୁଡ଼ାରୀ ବନ ସଂରକ୍ଷଣ ସମିତି ୨୦୦୭–୦୮ରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ସାମିଲ ହୋଇଥିଲା । ବନ ସଂରକ୍ଷଣ ସମିତି ଏହି ମେଗା ନର୍ସରୀ ଆରମ୍ଭ କରିଥିବାବେଳେ ଏହାର ସଭ୍ୟମାନେ ନର୍ସରୀରୁ କାମ ଓ ମଜୁରୀ ପାଉଛନ୍ତି । ନର୍ସରୀରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ଦେଉଥିବା ଗଛର ଚାରା ବଢ଼ାଯାଉଥିବାବେଳେ ହିଡ଼ଗୁଡ଼ିକରେ ଝାଡ୍ରୁ ଚାରାରୋପଣ କରାଯାଇଥିଲା ।

ସ୍ୱୟଂ ସହାୟକ ଗୋଷ୍ଠୀ ଅଣକାଷ୍ଠ ବନଜାତ ଦ୍ରବ୍ୟକୁ ନେଇ ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କରି ବନ ସଂରକ୍ଷଣ ସମିତି ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠିରୁ ୩୦୦୦୦ ଟଙ୍କା ଋଣ ଆବେଦନ କଲା । ଋଣ ଟଙ୍କା ମିଳିବା ପରେ ସେଥିରେ ଏସଏଚଜି ସଭ୍ୟମାନେ ଭିଏସଏସ ନର୍ସରୀରୁ ୨୫୦୦୦ ଟଙ୍କାର ଝାଡ୍ରୁ କାଠି ଓ ବଜାରରୁ ଫାଇବର ହାଣ୍ଡଲ କିଣିଲେ । କିଣାଯାଇଥିବା ଏହି ସାମଗ୍ରୀକୁ ନେଇ କିଛି ଦିନର ପରିଶ୍ରମ ପରେ ସେମାନେ ଭଲ ଝାଡ୍ରୁ ପ୍ରସ୍ତୁତ କଲେ ଓ ନିକଟସ୍ଥ ବଜାରରେ ୪୦୦୦୦ ଟଙ୍କାରେ ବିକ୍ରି କଲେ । ଏହି ପ୍ରକ୍ରିୟା ପ୍ରାୟ ମାସେ କାଳ ଚାଲିଲା ଓ ଏସଏଚଜି ସଭ୍ୟମାନେ ନିଜର ଅବସର ସମୟରେ କାମ କରି ୧୦୦୦୦ ଟଙ୍କା ଲାଭ କରିପାରିଲେ । ଭବିଷ୍ୟତରେ ଏହିପରି ବ୍ୟବସାୟ କରିବାକୁ ଏବେ ସେମାନେ ନିଜକୁ ପ୍ରସ୍ତୁତ କରିପାରିଛନ୍ତି । ଅଣକାଷ୍ଠ ବନଜାତ ଦ୍ରବ୍ୟ ମୁଖ୍ୟତଃ ଝାଡ୍ରୁ ଚାଷ ଓ ପ୍ରସ୍ତୁତିର ବ୍ୟବସାୟ ଯୋଜନା ପ୍ରସ୍ତୁତ କରି ସଫଳ ବ୍ୟବସାୟ କରିବାରେ ଏବେ ସେମାନେ ଅନ୍ୟ ଗୋଷ୍ଠୀମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି ।





# ବାଲିଝରଣ ପାଇଁ ପାନୀୟ ଜଳ ସୁବିଧା

ଅନଗୁଳ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ପୁରୁଣାଗଡ଼ କ୍ଷେତ୍ର ପରିଚାଳନା କେନ୍ଦ୍ରର ବାଲିଝରଣ ଗ୍ରାମଟି ପ୍ରକଳ୍ପରେ ତୃତୀୟ ଦଫାରେ ସାମିଲ ହୋଇଥିଲା । ଏହା ଏକ ଛୋଟ ଗ୍ରାମ ଓ ମାତ୍ର ୩୬ଟି ପରିବାର ରହନ୍ତି । ଗ୍ରାମବାସୀ ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲ ଓ ଖେସରା ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଛନ୍ତି । ବନ ସଂରକ୍ଷଣ ସମିତି ଗଠିତ ହେବା ପରେ ସେମାନଙ୍କୁ ୮୦ ହେକ୍ଟର ଜଙ୍ଗଲ ଜଗିବାକୁ ନିର୍ଦ୍ଧାରିତ କରାଯାଇଛି । ଅଣୁ ଯୋଜନା ପ୍ରସ୍ତୁତିବେଳେ ଗ୍ରାମବାସୀ ପାନୀୟ ଜଳ ଯୋଗାଣ ପାଇଁ ଦାବି କରିଥିଲେ । ଫଳରେ ସେହି ଅନୁସାରେ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଗ୍ରାମରେ ପୂର୍ବରୁ ଦୁଇଟି ନଳକୂପ ଥିଲେ ମଧ୍ୟ ତାହା ଖରାପ ଅବସ୍ଥାରେ ଥିଲା । ତାହା ମରାମତି କରିବାକୁ ବହୁ ଉଦ୍ୟମ କରାଯାଇଥିଲେ ମଧ୍ୟ ମରାମତି ହୋଇପାରି ନଥିଲା । ତେଣୁ ନୂଆ ନଳକୂପ ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା । ଦୁଇଟି ନୂଆ ନଳକୂପ ଖନନ କରାଗଲା ଓ ତାହାକୁ ମୋଟର ସହ ସଂଯୋଗ କରାଗଲା । ପ୍ରବେଶିକା କାର୍ଯ୍ୟକ୍ରମ ପାଣ୍ଠିରୁ ଏଥିପାଇଁ ୧୦୯୦୦୦ ଟଙ୍କା ଖର୍ଚ୍ଚ କରାଗଲା । ମୋଟର ବାବଦ ବିଦ୍ୟୁତ ଖର୍ଚ୍ଚ ବ୍ୟବହାରକାରୀଙ୍କ ଠାରୁ ପାଉଣା ଆକାରରେ ମାସିକ ୧୫ ଟଙ୍କା ହିସାବରେ ଆଦାୟ କରାଯାଇ ଭରଣା କରାଯାଉଛି । ବର୍ଷ ସାରା ପାନୀୟ ଜଳ ପାଇ ଗ୍ରାମବାସୀ ଏବେ ଖୁବ୍ ଖୁସି ଅଛନ୍ତି । ଏହି କାର୍ଯ୍ୟ ଦ୍ୱାରା ଉତ୍ସାହିତ ହୋଇ ଗ୍ରାମବାସୀ ଏବେ ଦୁଆର ମୁହଁରେ ପାଣି ପାଇବା ପାଇଁ ଯୋଜନା କରୁଛନ୍ତି । ପ୍ରତି ଘରକୁ ପାଇପ ଯୋଗେ ସଂଯୋଗ କରିବାକୁ ସେମାନେ ଘର ପିଛା ୫୦୦ ଟଙ୍କା ଆଦାୟ କରିଛନ୍ତି । ଓଏଫଏସଡିପିର ଏହି କାର୍ଯ୍ୟ ଯୋଗୁଁ ଗ୍ରାମବାସୀ ଖୁବ୍ ଖୁସି । ଉତ୍ସାହୀ ଗ୍ରାମବାସୀ ଗ୍ରାମର ଉନ୍ନତି ପାଇଁ ଏବେ ବୃକ୍ଷରୋପଣ ସମେତ ଅନ୍ୟ ଏକାଭିମୁଖୀକରଣ କାର୍ଯ୍ୟକ୍ରମ ଆଗକୁ ନେବାକୁ ପ୍ରସ୍ତୁତ ଅଛନ୍ତି ।

**କୈଳାସଚନ୍ଦ୍ର ପ୍ରଧାନ,** ବନପାଳ, ପୁରୁଣାଗଡ କ୍ଷେତ୍ର ପରିଚାଳନା କେନ୍ଦ୍ର

# ପ୍ରକଳ୍ପ ଏସଏଚଜିଗୁଡ଼ିକର ବାଲିଯାତ୍ରାରେ ଅଂଶଗ୍ରହଣ



ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ମାଝିଗୁଡା ବନ ସଂରକ୍ଷଣ ସମିତିର ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀ 'ପ୍ରଗତି' ଓ 'ମନଶ୍ରି' ଓଡ଼ିଶା ପ୍ରସିଦ୍ଧ ବାଲିଯାତ୍ରାରେ ୨୧ ରୁ ୨୮ ନଭେମ୍ବର ୨୦୧୦ ଯାଏଁ ଅଂଶଗ୍ରହଣ କରିଥିଲେ । ଓଏଫଏସଡିପି ଅଧୀନରେ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ସହଯୋଗ ସଂସ୍ଥା (ଆଇଜିଏଏସଏ) ମଧ୍ୟରୁ ଅନ୍ୟତମ ଆପିଟ୍‌କୋ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପ୍ରତିପାଳନକ୍ଷମ ଆୟ ସୃଷ୍ଟି କରି, ଏସଏଚଜିକୁ ଗତିଶୀଳ କରାଇ ଏବଂ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ସାମଗ୍ରୀରେ ମୂଲ୍ୟ ସଂଯୋଗ କରାଇ ବନ ସଂରକ୍ଷଣ ସମିତିକୁ ମଧ୍ୟ ଶକ୍ତିଶାଳୀ କରାଉଛି । ଡିଏସଏମଏସ ସହ ଯୋଗାଯୋଗ କରାଯାଇ ବାଲିଯାତ୍ରାରେ ଏକ ଷ୍ଟଲ ଠିକ୍ କରାଯାଇଥିଲା । ଉପଯୁକ୍ତ ବ୍ୟବସାୟ ଯୋଜନା ପରେ ବନ ସଂରକ୍ଷଣ ସମିତି ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠିରୁ ୨୫୦୦୦ ଟଙ୍କା ଲେଖାଏଁ ପ୍ରଗତି ଓ ମନଶ୍ରି ଏସଏଚଜିକୁ ମଞ୍ଜୁର କରିଥିଲା । ଉଭୟ ଏସଏଚଜି ନିଜ ସଞ୍ଚୟରୁ ୫୦୦୦ ଟଙ୍କା ଲେଖାଏଁ ସେଥିରେ ମିଶାଇଲେ । ସେମାନେ ରାଗି ପାଉଡର, ମହୁ, ଡଙ୍ଗର ରାଣୀ ଝୁଣା, ଝୁଣା ଅଗରବତୀ ଓ ବାଉଁଶ ସାମଗ୍ରୀ ୪୦୭୩୦ ଟଙ୍କାର କିଣିଲେ ଓ ତାହାକୁ ମୂଲ୍ୟଯୁକ୍ତ କରି ବିଭିନ୍ନ ସାଇଜରେ ପ୍ୟାକେଟ କଲେ । ଗ୍ରାମ୍ୟ ବନ ସହାୟକ ଓ ୟୁଏଲସିଏମ ସମସ୍ତ ଆବଶ୍ୟକ ସହାୟତା ଏସଏଚଜି ଦ୍ୱୟକୁ ଦେଲେ । ମୋଟ ବିକ୍ରୟ ୭୦୯୩୦ ଟଙ୍କାରୁ ସେମାନେ ୨୦୬୦୦ ଟଙ୍କା ଲାଭ ପାଇଲେ । ସେମାନେ ଭିଏସଏସକୁ ରାଜି ହୋଇଥିବା ସୁଧ ୫୦୦ ଟଙ୍କା ସମେତ ଋଣ ପରିଶୋଧ କରିବା ପରେ ମାତ୍ର ୧୫ ଦିନ ମଧ୍ୟରେ ଦୁଇ ଏସଏଚଜି ୨୦୧୦୦ ଟଙ୍କା ଲାଭ ପାଇପାରିଲେ । ଏହି ଶିକ୍ଷା ପରିଭ୍ରମଣ ପରେ ସେମାନଙ୍କ ଆତ୍ମବିଶ୍ୱାସ ବହୁଗୁଣରେ ବୃଦ୍ଧିପାଇଛି ଓ ସେମାନେ ଏବେ ଏ ପ୍ରକାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ସଭ୍ୟମାନେ ଏବେ ସେମାନଙ୍କ ସାମଗ୍ରୀର ବଜାର ଚାହିଦା ଉପରେ ସଚେତନ ଓ ଏକତ୍ର କାମ କରିବାର ଫାଇଦା ନେଇ ମଧ୍ୟ ସଚେତନ । ସେମାନେ ଗ୍ରାମରେ ଏକ ରାଗି ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି, କାରଣ ରାଗି କଞ୍ଚାମାଲର ମୂଲ୍ୟ କେ.ଜି. ପ୍ରତି ୧୫ ଟଙ୍କା ଥିବାବେଳେ ରାଗି ପାଉଡରର ମୂଲ୍ୟ କେ.ଜି. ପ୍ରତି ୬୦ ଟଙ୍କା ରହିଛି ।

**ରମାକାନ୍ତ ମହାନ୍ତି,** ଏଫଏଲଇ, ଜୟପୁର



# କେନ୍ଦ୍ରୀତ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପକୁ ଶକ୍ତିଶାଳୀ କରିବା ପାଇଁ ସହଯୋଗୀ ସଂସ୍ଥା









ଦାରିଦ୍ର୍ୟ ଦୂରୀକରଣ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏକ ଲକ୍ଷ୍ୟ ହୋଇଥିବାରୁ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଏହାର ଅନ୍ୟତମ ମୁଖ୍ୟ ଉପ–ଉପାଦାନ । ଏଥିପାଇଁ ପ୍ରକଳ୍ପ ପ୍ରତି ବନ ସଂରକ୍ଷଣ ସମିତି (ଭିଏସଏସ)କୁ 'ଆବର୍ତ୍ତନ ପାଣ୍ଠି' ଭାବେ ଏକ ଲକ୍ଷ ଟଙ୍କା ପ୍ରଦାନ କରୁଛି । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଭିଏସଏସର ଏହି 'ଆବର୍ତ୍ତନ ପାଣ୍ଠି'ରୁ ପାରସ୍ପରିକ ବୁଝାମଣା ମଧ୍ୟରେ ସୁଧ ସ୍ଥିର କରି ଋଣ ନିଅନ୍ତି । ପ୍ରକଳ୍ପର ମୁଖ୍ୟ ପନ୍ଥା ହେଉଛି ଜଙ୍ଗଲ ଉପରେ ନିର୍ଭରଶୀଳ ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକ ତଥା ଏସଏଚଜିକୁ ଏଥିରେ ସାମିଲ କରିବା । ପ୍ରକଳ୍ପ ମଧ କାର୍ଯ୍ୟକ୍ରମଗୁଡ଼ିକୁ ଯୋଗାଣଭିତ୍ତିକ ନ କରି ଚାହିଦାଭିତ୍ତିକ କରୁଛି । ପ୍ରଥମରୁ ପ୍ରକଳ୍ପରେ ସହଯୋଗୀ ବେସରକାରୀ ସଙ୍ଗଠନଗୁଡ଼ିକ କ୍ଷେତ୍ର ପରିଚାଳନା କେନ୍ଦ୍ର ସ୍ତରରେ କାମ କରୁଥିଲେ । ସେମାନଙ୍କର ମୁଖ୍ୟ କାମ ଥିଲା ବିସ୍ତୃତଭାବେ ଏସଏଚଜି ସ୍ତର ନିର୍ଦ୍ଧାରଣ କରି, ଭିଏସଏସ ଦ୍ୱାରା ମନୋନୟନ କରି, ବେସରକାରୀ ସଙ୍ଗଠନ ଓ ଗ୍ରାମ୍ୟ ବନ ସହାୟକଙ୍କ ଦ୍ୱାରା ଏସଏଚଜିକୁ ଶକ୍ତିଶାଳୀ କରାଇ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା । ସେହିପରି ପ୍ରଥମରୁ ଏକ ବିଶେଷଜ୍ଞ ସଂସ୍ଥା (ମାର୍ଟ) ଦ୍ୱାରା ବିସ୍ତୃତ ବଜାର ଗବେଷଣା କରାଯାଇଥିଲା । ଅଞ୍ଚଳଭିତ୍ତିକ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, ଜୀବିକା ନିର୍ବାହ ସୁଯୋଗ ବିଶ୍ଳେଷଣ (ଏଲଓଏ) ଓ ମୂଲ୍ୟ ପ୍ରକ୍ରିୟା ବିଶ୍ଳେଷଣ (ଭିସିଏ) ଉପରେ ସମ୍ପୃକ୍ତ ସଂସ୍ଥା ବିସ୍ତୃତଭାବେ ତଥ୍ୟ ପ୍ରଦାନ କରିଥିଲା । କେନ୍ଦ୍ରୀତ ଓ ଯୋଜନାବଦ୍ଧ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, ପଥଦର୍ଶୀ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ (ଛୋଟ ଓ ସ୍ୱଳ୍ପ ସମୟ ଋଣ) କାର୍ଯ୍ୟକାରୀ କରାଯାଇଥିଲା, ଯାହାକି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପୂର୍ବରୁ କରାଯାଉଥିବା କାର୍ଯ୍ୟକ୍ରମ ସହ ମେଳ ଖାଉଥିଲା । ନିଯୁକ୍ତିର ତିନି ବର୍ଷ ପରେ ସହଯୋଗୀ ବେସରକାରୀ ସଙ୍ଗଠନଗୁଡ଼ିକ ସହ ଏହି ସହଭାଗିତା ସେପ୍ଟେମ୍ବର ୨୦୧୦ ରେ ଶେଷ ହେଲା । ଏଥିରୁ ପଥଦର୍ଶୀ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପର ଅଭିଜ୍ଞତା ହାସଲ ହୋଇଥିବାବେଳେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଅଧିକ ସଙ୍ଗଠିତ ହୋଇପାରିଥିଲେ । ତେଣୁ ବିଶେଷଜ୍ଞ ସହଯୋଗୀ ସଂସ୍ଥା ନିଯୁକ୍ତି ଦେବାର ଆବଶ୍ୟକତା ଦେଖାଦେଲା, ଯାହାଫଳରେ କେନ୍ଦ୍ରୀଭୂତ ଗୋଷ୍ଠୀଭିତ୍ତିକ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ କରାଯାଇପାରିବ ।

ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ସହଯୋଗୀ ସଂସ୍ଥା (ଆଇଜିଏଏସଏ)ଗୁଡ଼ିକ ହାତ ଧରିବା, ଦକ୍ଷତା ବୃଦ୍ଧି କରିବା, ଗୋଷ୍ଠୀ ଗଠନ କରିବା, ମୂଲ୍ୟ ସଂଯୋଗ ସହ ବଜାର ସଂଯୋଗ କରିବା ଲକ୍ଷ୍ୟରେ ଜୁନ୍ ୨୦୧୦ରେ ଏକ ବର୍ଷ ପାଇଁ ଚୁକ୍ତିବଦ୍ଧ ହେଲେ । ମାର୍ଟ ଓ ସିୱାଇଏସଡି କନ୍‌ସୋର୍ଟିୟମ, ଆପିଟକୋ ଓ ବିଶ୍ୱ ନାମକ ତିନୋଟି ଆଇଜିଏଏସକୁ ପ୍ରକଳ୍ପ ପକ୍ଷରୁ ବିଭିନ୍ନ ଖଣ୍ଡୀୟ ପରିଚାଳନା କେନ୍ଦ୍ର ପାଇଁ ନିଯୁକ୍ତ କରାଯାଇଛି । ଏହି ଆଇଜିଏଏସଏଙ୍କୁ ବର୍ଷକ ପାଇଁ ଚୁକ୍ତିବଦ୍ଧ କରାଯାଇଛି ଓ ଏହି ବର୍ଷକ ମଧ୍ୟରେ ସେମାନେ ନିମ୍ନଲିଖିତ କାର୍ଯ୍ୟ ପ୍ରତି ଧ୍ୟାନ ଦେବେ :

୧. ଛୋଟ ଛୋଟ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଏହି ପ୍ରକ୍ରିୟାକୁ ତୀବ୍ରତର କରିବା ଓ ଅଧିକ ଶାଣିତ କରିବା ।

୨. ବର୍ଷ ସାରା ଛୋଟ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ନିଶ୍ଚିତ କରିବା (ବର୍ଷକୁ ୨ରୁ ୩ଟି ଋଣ)

୩. ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦକ୍ଷ ଓ ବ୍ୟବସାୟ ମନୋବୃତ୍ତିସମ୍ପନ୍ନ ସେମାନଙ୍କୁ ଗୋଷ୍ଠୀ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପରେ ସାମିଲ କରିବା ।

୪. ନୂତନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଛୋଟ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ପାଇଁ ପ୍ରବର୍ତ୍ତାଇବା । (ଅତିକମ୍‌ରେ ଗୋଟିଏ ଋଣ)

ଭିଏସଏସ/ଇଡିସି ସଭ୍ୟ ଓ ଏସଏଚଜି ସଭ୍ୟ ତଥା ସମ୍ପୃକ୍ତ ପ୍ରକଳ୍ପ କର୍ମଚାରୀଙ୍କର ଦକ୍ଷତା ବୃଦ୍ଧି ମଧ ଆଇଜିଏଏସଏର ପ୍ରମୁଖ ଦାୟିତ୍ୱ ମଧ୍ୟରୁ ଗୋଟିଏ । ତିନି ପ୍ରକାର ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ସେଗୁଡ଼ିକ ହେଲା, ମୂଳଦୁଆ ତାଲିମ, ଅଣୁ ବ୍ୟବସାୟ ପରିଚାଳନା ତାଲିମ, କୌଶଳ ତାଲିମ ଓ ଶିକ୍ଷା ପରିଭ୍ରମଣ ତାଲିମ । ଆଇଜିଏଏସଏଗୁଡ଼ିକ ମଧ ବିଭିନ୍ନ ଗୋଷ୍ଠୀ ଚିହ୍ନଟ କରିବା, ବିଭିନ୍ନ ସାମ୍ଭାବ୍ୟ ସମନ୍ୱୟ ସୃଷ୍ଟିକାରୀ ଅନୁଷ୍ଠାନର ତାଲିକା ପ୍ରସ୍ତୁତି କରିବା ଓ ବ୍ୟବସାୟ ବିକାଶ ସେବା ପ୍ରଦାନକାରୀ ପ୍ରତିପାଳନକ୍ଷମ ବଜାର ସଂଯୋଗୀକରଣ ସହଯୋଗ ପ୍ରଦାନ କରିବା ଆଦି କାର୍ଯ୍ୟ କରୁଛନ୍ତି । ଭିତ୍ତିଭୂମି ସହଯୋଗ (ଗୋଦାମ ଘର ଓ ପ୍ରକ୍ରିୟାକରଣ ପାଇଁ ଉପକରଣ) ଯଥା, ଶୁଖାଯିବା ସ୍ଥାନ, ପ୍ରକ୍ରିୟାକରଣ ଯନ୍ତ୍ର (ମେସିନ) ଆଦି ଯାହା ନିର୍ଦ୍ଦିଷ୍ଟ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ତାଲିକାଭୁକ୍ତ ଓ ଗୋଷ୍ଠୀ ତଥା ଆଖପାଖ ଅଞ୍ଚଳରେ ଆଗକୁ ନେବା ପାଇଁ ଆବଶ୍ୟକ ତାହା ଯୋଗାଇଦେବା ।

ଫେବୃୟାରୀ ୨୦୧୧ ସୁଦ୍ଧା, ବନ ସଂରକ୍ଷଣ ସମିତି ଆବର୍ତ୍ତନ ପାଣ୍ଠିରୁ ସ୍ୱୟଂ ସହାୟକ ଗୋଷ୍ଠୀ, ନିର୍ଦ୍ଦିଷ୍ଟ ଲକ୍ଷ୍ୟଧାରୀ ଗୋଷ୍ଠୀ (ସିଆଇଜି) ଓ ବ୍ୟକ୍ତିମାନଙ୍କୁ ୩୫୦୦ ଋଣ ପ୍ରଦାନ କରାଯାଇଛି । ୩୨୯ ଦିନ ମୂଳଦୁଆ ତାଲିମ, ୪୭୬ ଦିନ ଅଣୁ ବ୍ୟବସାୟ ତାଲିମ, ୨୯ ଦିନ କୌଶଳ ତାଲିମ, ୩୮ ଦିନ ଶିକ୍ଷା ପରିଭ୍ରମଣ ତାଲିମ କାର୍ଯ୍ୟକାରୀ କରାଯାଇଥିବାବେଳେ ୭୦ଟି ଗୋଷ୍ଠୀ (ଗୋଟିଏ ଗୋଷ୍ଠୀରେ ୭ରୁ ୮ଟି ଭିଏସଏସର ୧୪ଟି ଏସଏଚଜି ରହୁଛନ୍ତି) ଗଠନ କରାଯାଇଛି । ୬୫ଟି ଗୋଷ୍ଠୀର ମ୍ୟାପିଙ୍ଗ ଶେଷ ହୋଇଛି ୩୪ଟି ଗୋଷ୍ଠୀରେ ବ୍ୟବସାୟ ଅଭିବୃଦ୍ଧି ଯୋଜନା ପ୍ରସ୍ତୁତି ଶେଷ ହୋଇଥିବାବେଳେ ୨୩ଟି ତାହା କାର୍ଯ୍ୟକାରୀ କରିବା ଆରମ୍ଭ ହେଇଛି । ଆଇଜିଏଏସଏକୁ ତିନି ବର୍ଷ ପାଇଁ ନିଯୁକ୍ତ କରିବାର ଯୋଜନା ରହିଛି, ଯାହାଫଳରେ କେନ୍ଦ୍ରୀଭୂତ ଗୋଷ୍ଠୀଭିତ୍ତିକ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ୨୨୭୫ଟି ଭିଏସଏସ/ଇଡିସିରେ ୪୫୫୦ ଟି ଏସଏଚଜିରେ କାର୍ଯ୍ୟକାରୀ ହୋଇପାରିବ ।



# ବାର୍ତ୍ତା

ପ୍ରକଳ୍ପ ପରିଚାଳନା କେନ୍ଦ୍ର, ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ସର୍କଲ/ବନଖଣ୍ଡର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତାକୁ ରୂପ ଦେବାରେ ମୋର ସହଭାଗିତା ମୋ ପାଇଁ ଖୁବ୍ ଆତ୍ମସନ୍ତୋଷର ବିଷୟ । ଜାଇକା, ଯାହାର ସହାୟତାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ସମସ୍ତ ମୂଲ୍ୟାୟନରେ ସନ୍ତୋଷ ବ୍ୟକ୍ତ କରିଛି ଓ ଏପରିକି ଏହା ଦ୍ୱିତୀୟ ପିଢ଼ୀ ବନାଞ୍ଚଳ ପ୍ରକଳ୍ପ ମଧ୍ୟରେ ଅଗ୍ରଣୀର ମାନ୍ୟତା ପାଇଛି । ଏହି ଗର୍ବର ଅନୁଭୂତିକୁ ମୁଁ ମୋର ସମସ୍ତ ସହକର୍ମୀ ଓ ସହଭାଗୀ ଗୋଷ୍ଠୀ (ବନ ସଂରକ୍ଷଣ ସମିତି) ମଧ୍ୟରେ ବାଣ୍ଟିବାକୁ ଚାହୁଁଛି ।

ପ୍ରକଳ୍ପର ଏହି ଉଦାହରଣମୂଳକ କାର୍ଯ୍ୟକାରିତା ପାଇଁ ସୁଯୋଗ ସୃଷ୍ଟି କରିଥିବାରୁ ଓ ସହଯୋଗ ଦେଇଥିବାରୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ସଭାପତି ତଥା ମୁଖ୍ୟ ଶାସନ ସଚିବ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ଉପସଭାପତି ତଥା କୃଷି ଉତ୍ପାଦନ କମିଶନର, ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ)ଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

ଆମେମାନେ ବହୁ ଅଭିନବ ହସ୍ତକ୍ଷେପ ଦ୍ୱାରା ବହୁ ଗୁଣାତ୍ମକ ବିକାଶ କରିବାରେ ସକ୍ଷମ ହୋଇଛୁ ଯାହା ଏବେ ଭଲଭାବେ ଲିପିବଦ୍ଧ ହୋଇସାରିଛି । ଯୋଜନାବଦ୍ଧ ଏକାଭିମୁଖୀକରଣ ଦ୍ୱାରା ଲକ୍ଷ୍ୟଧାର୍ଯ୍ୟ ଗୋଷ୍ଠୀକୁ ବହୁଗୁଣରେ ଲାଭ ମିଳିପାରିଛି । ଗୋଷ୍ଠୀଠାରୁ ସହଯୋଗ ଓ ସମର୍ଥନ ଆଣିବା ପାଇଁ ତଥା ଉତ୍ତରଦାୟିତ୍ୱ ପାଇଁ ପ୍ରକଳ୍ପ ବ୍ୟାପକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଲାଗୁ କରିଛି । ମୋର ବର୍ତ୍ତମାନର ଦ୍ୱାୟିତ୍ୱରେ, ମୁଁ ଜାଇକା ସହଯୋଗରେ ଚାଲୁଥିବା ପ୍ରକଳ୍ପ ସମେତ ସମସ୍ତ ବନାଞ୍ଚଳ ପ୍ରକଳ୍ପର ତଦାରଖ କରୁଛି । କିନ୍ତୁ ଯେତେବେଳେ ବହୁ କ୍ଷେତ୍ରରେ ଓଏଫଏସଡିପିର କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଉଛି ସେତେବେଳେ ମୋ ଖୁସିର ସୀମା ରହୁନାହିଁ ।

ମୁଁ ନିଶ୍ଚିତ ଯେ, ସମସ୍ତ ଅଂଶୀଦାର ଏକତ୍ର କାମ କରିବା ଜାରି ରଖିବେ ଓ ପ୍ରକଳ୍ପକୁ ଅଧିକ ଉଚ୍ଚସ୍ତରକୁ ନେଇଯିବେ । ଏହି ପ୍ରକଳ୍ପର ମୁଁ ଶୁଭ ମନାସୁଛି ଏବଂ ଆଶା କରୁଛି ପ୍ରକଳ୍ପ ଦେଶରେ କାର୍ଯ୍ୟକାରୀ ହେଉଥିବା ଅନ୍ୟ ସମସ୍ତ ବନାଞ୍ଚଳ ପ୍ରକଳ୍ପ ପାଇଁ ଏକ ନିର୍ଣ୍ଣାୟକ ସ୍ଥର ସୃଷ୍ଟି କରିବ ।

**ଅରୁଣ କୁମାର ବଂସଲ,** ଭା.ବ.ସେ.
ଅତିରିକ୍ତ ମହାନିର୍ଦ୍ଦେଶକ
ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ଭାରତ ସରକାର

## ବଦଳି ନିଯୁକ୍ତି



ଶ୍ରୀ ଆର. ଏନ. ସାହୁ, ଭା.ବ.ସେ. ପ୍ରକଳ୍ପ ପରିଚାଳନା କେନ୍ଦ୍ରରେ ପ୍ରାୟ ଚାରି ବର୍ଷ ଧରି କାର୍ଯ୍ୟ କରିଥିଲେ । ସେ ୧୦ ନଭେମ୍ବର ୨୦୦୬ରୁ ତାଙ୍କ ଅବସର ଗ୍ରହର ସମୟ ୩୧ ଅକ୍ଟୋବର ୨୦୧୦ ଯାଏଁ । ଏହି ସମୟ ମଧ୍ୟରେ ସେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିଲେ, ତାହା ହେଲା ଉପ ନିର୍ଦ୍ଦେଶକ (ତାଲିମ), ଉପ ନିର୍ଦ୍ଦେଶକ (ଅର୍ଥ ଓ ପ୍ରଶାସନ), ଯୁଗ୍ମ ନିର୍ଦ୍ଦେଶକ (ମାନବ ସମ୍ବଳ ଓ ଗବେଷଣା) ଓ ଯୁଗ୍ମ ନିର୍ଦ୍ଦେଶକ (ଅର୍ଥ ଓ ପ୍ରଶାସନ) । ସେ ଜଣେ ସଚ୍ଚୋଟ ଓ କର୍ମଠ ଅଧିକାରୀ ଏବଂ ଜଣେ କଠୋର ବିତ୍ତ ଅଧିକାରୀଭାବେ ସମସ୍ତଙ୍କର ମନେରହିବେ । ପ୍ରକଳ୍ପକୁ ସେ ଦେଇଥିବା ସେବା ଉଚ୍ଚ ପ୍ରଶଂସନୀୟ ଏବଂ ପ୍ରକଳ୍ପ ନିଶ୍ଚିତଭାବେ ତାଙ୍କୁ ମନେରଖିବ ।




Wild Watch

Brochure on Crab Culture & Fattening

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ/ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :
ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
E-mail : dpd.pa@ofsdp.org

**ପ୍ରକାଶକ**

**ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ**
ଏସଏଫଟିଆରଆଇ ପରିସର ଘାଟିକିଆ, ଭୁବନେଶ୍ୱର - ୭୫୧ ୦୦୩
ଫୋନ : ୦୬୭୪-୨୩୮୪୦୧୬, ଫ୍ୟାକ୍ସ : ୦୬୭୪-୨୩୮୪୦୮୫
E-mail : webmail@ofsdp.org, http:\\www.ofsdp.org

**ସମ୍ପାଦକ ମଣ୍ଡଳୀ**

ମୁଖ୍ୟ ସମ୍ପାଦକ : ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫଏସଡିପି
ପରିଚାଳନା ସମ୍ପାଦକ : ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଚଆରଡି ଏବଂ ଆର)
ସମ୍ପାଦକ : ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ୍ ଏ)
ଉପଦେଷ୍ଟା : ଦଳପତି ସାଧାରଣ ପରାମର୍ଶଦାତା, ଓଏଫଏସଡିପି ଏବଂ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏ ଆଣ୍ଡ୍ ଏଫ୍), ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଆଇଏମଇ)

**ମୁଦ୍ରାକାର : ଜ୍ୟୋତିଗ୍ରାଫିକ୍ସ**
ଫୋନ : ୦୬୭୪-୨୫୪୪୨୦୯, E-mail : jyotigraphics@gmail.com